# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

ବିଜ୍ଞପ୍ତି ସଂଖ୍ୟା :- ୪୨୮୩ /ତାରିଖ:- ୨୨.୦୯.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

(As per the OMMC Rules 2016 and subsequent amendments)

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତହସିଲ କାର୍ଯ୍ୟାଳୟ,ଧର୍ମଶାଳା ନିମ୍ନ ସୂଚୀ ପ୍ରଦତ୍ତ(ଲଘୁ ଖଣିଜ) କଳାପଥର ସୈରାତ ଉତ୍ସ ଗୁଡିକୁ ଅନୁନ୍ୟ ୦୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବ ସାଇଟ www.jajpur.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ । ଏଣୁ ଇଛୁକ ବ୍ୟକ୍ତି ବିଶେଷ ଆସନ୍ତା **ତା ୨୬। ୦୯। ୨୦୨୨ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ତା ୨୬।୧୦।୨୦୨୨ ରିଖ ଅପରାହ୍ନ ୫.୩୦** ମିନିଟ ମଧ୍ୟରେ ଆବେଦନ କରିପାରିବେ । ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ **ତା ୨୭।୧୦।୨୦୨୨ ରିଖ ଦିବା ୧୧ ଘଟିକା** ସମୟରେ ତହସିଲ କାର୍ଯ୍ୟାଳୟ ପରିସରରେ ଦରଖାସ୍ତକାରୀ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ

## ସୈରାତ ଉତ୍ସ ଗୁଡିକର ବିବରଣୀ

| Sl. No. | Name of the Sairat Sources | Mouza | Khata No | Plot No | Area in Ac | Kisam | MGQ in Cum | Royalty in Rs. | Min. Addl. Charge in Rs. |
|---|---|---|---|---|---|---|---|---|---|
| 1 | Anjira BSQ No. 6 | Anjira | 416 | 845(p) | Ac.5.00 | Pahada | **45000** | 130.00 | **193.00** |
| 2 | Anjira BSQ No. 8 | Anjira | 416 | 941(p) | Ac.3.00 | Pahada | **20000** | 130.00 | **193.00** |
| 3 | Anjira BSQ No. 11 | Anjira | 1729 | 1385(p) | Ac.4.00 | Parbat | **25000** | 130.00 | **193.00** |

| | | | | | | | | | |
|---|---|---|---|---|---|---|---|---|---|
| 4 | Anjira BSQ No. 16 | Anjira | 1729 | 1385(p) | Ac.9.00 | Parbat-1 | **80000** | 130.00 | **193.00** |
| 5 | Anjira BSQ No. 18 | Anjira | 416 | 845(p) | Ac.3.00 | Pahada | **25000** | 130.00 | **193.00** |
| 6 | Mukundpur BSQ | Mukundpur | 469 | 1332(p) | Ac.2.00 | Pahada | **5000** | 130.00 | **193.00** |
| 7 | Dankari BSQ | Dankari | 465 | 140/2006 (p) | Ac.5.00 | Pahada | **40000** | 130.00 | **193.00** |
| 8 | Dankari BSQ No. 5 | Dankari | 465 | 140/2006 (p) | Ac.15.00 | Parbat | **120000** | 130.00 | **193.00** |
| 9 | Rahadpur BSQ No. 10 | Rahadpur | 235 | 1(P) | Ac.7.00 | Parbat | **45000** | 130.00 | **193.00** |
| 10 | Lunibar BSQ No. 2 | Lunibar | 224 | 707/1042 | Ac.10.00 | Pahada | **80000** | 130.00 | **193.00** |
| 11 | Lunibar BSQ No. 3 | Lunibar | 224 | 707/1042 | Ac.10.00 | Pahada | **90000** | 130.00 | **193.00** |
| 12 | Bichhakhandi BSQ No. 3 | Bichhakhandi | 822 | 2338(p) | Ac.5.00 | Pathar huda | **40000** | 130.00 | **193.00** |
| 13 | Brundadeipur Sand Quarry | Brundadeipur | 931 | 07(p) | Ac.12.50 | Nadi | **65000** | 35.00 | **234.00** |

ତହସିଲଦାର, ଧର୍ମଶାଳା
Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

**ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ**

(As per the OMMC Rules 2016 and subsequent amendments)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତହସିଲ କାର୍ଯ୍ୟାଳୟ,ଧର୍ମଶାଳା ନିମ୍ନ ସୂଚୀ ପ୍ରଦତ୍ତ(ଲଘୁ ଖଣିଜ) କଳାପଥର ସୈରାତ ଉତ୍ସ ଗୁଡିକୁ ଅନୁନ୍ୟ ୦୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଇଚ୍ଛୁକ ବ୍ୟକ୍ତି ବିଶେଷ ବା ସଂସ୍ଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ମୁତବାକ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ (ସଂଶୋଧନ) ୨୦୧୭, ୨୦୧୮ ଓ ୨୦୨୨ ବର୍ଣିତ ୩ କିତା ଫର୍ମ "M" ପୂରଣ କରି ତତ ସହିତ ନିମ୍ନଲିଖିତ ଅବଶ୍ୟକୀୟ ଦସ୍ତାବିଜ /କାଗଜାତ ସଲଗ୍ନ କରି ଜଉମୁଦ ଲଫାଫାରେ Registered Post /Speed Post/ Courier ଜରିଆରେ ତହସିଲଦାର, ଧର୍ମଶାଳା ଙ୍କ ଠିକଣାରେ **ତା ୨୬।୦୯।୨୦୨୨ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ତା ୨୬।୧୦।୨୦୨୨ ରିଖ ଅପରାହ୍ନ ୫.୩୦ ମିନିଟ** ସୁଦ୍ଧା ଆବେଦନ କରିପାରିବେ (ଛୁଟିଦିନ ବ୍ୟତିତ)। **ଲଫାଫାରେ ସୈରାତ ଉତ୍ସ କେସ ସଂଖ୍ୟା ଓ ସୈରାତ ଉତ୍ସର ନାମ ଉଲ୍ଲେଖ ଥିବା ଆବଶ୍ୟକ** । ପ୍ରାପ୍ତ ଦରଖାସ୍ତ ଗୁଡିକୁ ତା **୨୭।୧୦।୨୦୨୨ ରିଖ ଦିବା ୧୧ ଘଟିକା** ସମୟରେ ତହସିଲ କାର୍ଯ୍ୟାଳୟ ପରିସରରେ ଦରଖାସ୍ତକାରୀ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ନ ୫.୩୦ ମିନିଟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ସେହିପରି ଅସମ୍ପୂର୍ଣ ଦରଖାସ୍ତ ଗୁଡିକୁ ନାକଚ କରାଯିବ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ହୋଇନପାରେ ତେବେ ପରବର୍ତୀ ନିଲାମ ତାରିଖ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ମାଧ୍ୟମରେ ଜଣାଇଦିଆଯିବ। ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବ ସାଇଟ www.jajpur.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ ।

ତହସିଲଦାର, ଧର୍ମଶାଳା

Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ

1. ଦରଖାସ୍ତ ଫି ବାବଦକୁ ଟ ୧୦୦୦/-(ଏକ ହଜାର) ଟଙ୍କା ଟ୍ରେଜେରୀ ଚାଲାଣ (Head of Account - 0853-Non-Ferrous Mining and Metallurgical Industries-102-Mineral Concession fees, Rent & Royalties) ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

2. ଦରଖାସ୍ତକାରୀଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ମୁତବାକ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

3. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ସର୍ବନିମ୍ନ ନିର୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାର, ଧର୍ମଶାଳା ଙ୍କ ନାମରେ ଚଳାବନ୍ଧକକୃତ ବା pledged bank draft ଦାଖଲ କରିବେ । (EMD =5% of Annual MGQ* (Royalty+Minimum Additional Charge).

4. Income Tax return of previous financial year showing annual income for an amount of additional charge offered and the royalty payable for minimum guaranteed quantity for one whole year or Bank guarantee valid for a period of eighteen months for the amount not less than the amount as above.

5. Income Tax return ସମ୍ବନ୍ଧୀୟ ଦସ୍ତାବିଜ ର ନକଲ ଦାଖଲ କରିବେ ।

6. ପ୍ରସ୍ତାବିତ Sairat source ର ତଫସିଲ ସହ ନକ୍ସା ଓ ଚୋହଦୀ ର ସମ୍ପୂର୍ଣ୍ଣ ବିବରଣୀ ।

7. PAN କାର୍ଡ ଓ ଆଧାର କାର୍ଡ ର ନକଲ ଦାଖଲ କରିବା ସହ ଯୋଗାଯୋଗ ନିମନ୍ତେ mobile ନମ୍ବର ଦାଖଲ କରିବେ।

8. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ , ଦକ୍ଷତା ,ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି ।

Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

## ସୈରାତ ଉତ୍ସର ବିବରଣୀ

| Sl. No. | Name of the Sairat Sources | Mouza | Khata No | Plot No | Area in Ac | Kisam | MGQ in Cum | Royalty in Rs. | Min. Addl. Charge in Rs. |
|---|---|---|---|---|---|---|---|---|---|
| 1 | Anjira BSQ No. 6 | Anjira | 416 | 845(p) | Ac.5.00 | Pahada | **45000** | 130.00 | **193.00** |
| 2 | Anjira BSQ No. 8 | Anjira | 416 | 941(p) | Ac.3.00 | Pahada | **20000** | 130.00 | **193.00** |
| 3 | Anjira BSQ No. 11 | Anjira | 1729 | 1385(p) | Ac.4.00 | Parbat | **25000** | 130.00 | **193.00** |
| 4 | Anjira BSQ No. 16 | Anjira | 1729 | 1385(p) | Ac.9.00 | Parbat-1 | **80000** | 130.00 | **193.00** |
| 5 | Anjira BSQ No. 18 | Anjira | 416 | 845(p) | Ac.3.00 | Pahada | **25000** | 130.00 | **193.00** |
| 6 | Mukundpur BSQ | Mukundpur | 469 | 1332(p) | Ac.2.00 | Pahada | **5000** | 130.00 | **193.00** |
| 7 | Dankari BSQ | Dankari | 465 | 140/2006 (p) | Ac.5.00 | Pahada | **40000** | 130.00 | **193.00** |
| 8 | Dankari BSQ No. 5 | Dankari | 465 | 140/2006 (p) | Ac.15.00 | Parbat | **120000** | 130.00 | **193.00** |
| 9 | Rahadpur BSQ No. 10 | Rahadpur | 235 | 1(P) | Ac.7.00 | Parbat | **45000** | 130.00 | **193.00** |
| 10 | Lunibar BSQ No. 2 | Lunibar | 224 | 707/1042 | Ac.10.00 | Pahada | **80000** | 130.00 | **193.00** |
| 11 | Lunibar BSQ No. 3 | Lunibar | 224 | 707/1042 | Ac.10.00 | Pahada | **90000** | 130.00 | **193.00** |
| 12 | Bichhakhandi BSQ No. 3 | Bichhakhandi | 822 | 2338(p) | Ac.5.00 | Patharhuda | **40000** | 130.00 | **193.00** |
| 13 | Brundadeipur Sand Quarry | Brundadeipur | 931 | 07(p) | Ac.12.50 | Nadi | **65000** | 35.00 | **234.00** |

ତହସିଲଦାର
Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

## ସର୍ତ୍ତାବଳି

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନ -୨୦୧୭, ୨୦୧୮ ଓ ୨୦୨୨ ସହ Manual of Tahasil Account ର ପରିସର ଭୁକ୍ତ ରହିବେ ।
2. ସର୍ବୋଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନ କାରୀଙ୍କୁ ଲୀଜ ପ୍ରଦାନ କରିବା ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ମୂଲ୍ୟ ପ୍ରଦାନ କରିବେ ତେବେ ଲଟେରୀ ମାଧ୍ୟମରେ ଲୀଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
3. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନ ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କୁ ଦ୍ଵାରା ନିର୍ଦ୍ଧାରିତ ଫର୍ମ ରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ । ଏବଂ ତତ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତ ରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟି ପରିମାଣ ର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବବାଦକୁ ଥିବା ଦେୟରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ , ଯାହାକି ବୀନା ସୁଧ ରେ ଅମାନତ ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ (ପନ୍ଦର ) ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି ,ତେବେ ଦିତୀୟ ସର୍ବାଧିକ ନିଲାମଧାରୀ ଙ୍କୁ ସୁଯୋଗ ଦିଆଯାଇ ଜମା ଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବ । ଯଦି ଦିତୀୟ ସର୍ବାଧିକ ନିଲାମଧାରୀ ପ୍ରଥମ ସର୍ବାଧିକ ନିଲାମଧାରୀ ମୂଲ୍ୟ ଠାରୁ ଅପେକ୍ଷାକୃତ କମ ଥାଏ ତେବେ ତାଙ୍କୁ ଚୟନ କରାନଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଙ୍କ ନିକଟକୁ ପ୍ରେରଣ କରାଯିବ ।
4. ମନୋନୀତ ବ୍ୟକ୍ତି ମନୋନୀତ ହେବ ଦିନ ଠାରୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନ -୨୦୧୭ ଓ ୨୦୧୮ ମୁତାବକ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚ ରେ ପ୍ରାଧିକୃତ ଅଧିକାରୀଙ୍କ ଠାରୁ mining plan ପ୍ରସ୍ତୁତ ଓ ଅନୁମୋଦିତ କରିବା ଏବଂ ପରିବେଶ ସ୍ଵଚ୍ଛତା ପ୍ରମାଣପତ୍ର (Environment Clearance certificate) ହାସଲ କରି , ସୂଚିରେ ଦର୍ଶାଯାଇଥିବା ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ କିମ୍ବା (mining plan ) ଦର୍ଶାଉଥିବା ପରିମାଣ , ଯାହା ଅଧିକ ହେବ ,ତାହା ସହିତ ରୟାଲଟି ଓ ଅତିରିକ୍ତ ଦେୟର ସମଷ୍ଟି କୁ ଗୁଣନ କଲେ ଯେଉଁ ଅର୍ଥ ହେବ ସେଇ ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା -Royalty,Additional charge ,Surface rent, dead rent,DMF(10% of Royalty and Additional Charge), EMF (5% of Royalty and Additional Charge) , TDS (2% of Royalty and Additional Charge) , Fees for Compensatory afforestation etc. ଦାଖଲ କରିବେ । ଉକ୍ତ ରାଶି ପଇଠ ହେଲା ପରେ ଲୀଜ ଧାରୀ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାୟୀ ଲୀଜ ଚୁକ୍ତି ପତ୍ର ସମ୍ପାଦନ କରିବେ ଓ ସଇରାତ ପରିଚାଳନା ପାଇଁ Regional Officer State pollution control Board ଙ୍କ ନିକଟରୁ CONSENT TO OPERATE ORDER AND CONSENT TO ESTABLISH ଆଣିବା ପାଇଁ ବାଧ୍ୟ ହେବେ । ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବାଜ୍ୟାପ୍ତ କରାଯିବ ।

Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

5. ଯେଉଁ ସଇରାତ ଉତ୍ସ ଗୁଡିକ mining plan and Environment Clearance କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ଵାରା ପ୍ରସ୍ତୁତ କରାଯାଇ ପରିବେଶ ମଞ୍ଜୁରୀ ନିମନ୍ତେ ଆବେଦନ କରାଯାଇଅଛି , ସେସବୁର ଖର୍ଚ୍ଚ ସର୍ବୋଚ୍ଚ ଲୀଜ ଧାରୀ ବହନ କରିବେ ।
6. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲୀଜଧାରୀ ଆନୁପାତିକ ବହନ କରିବେ ।
7. ଲୀଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନକରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା , ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଅନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲୀଜ ରେ ଅଂଶ ଗ୍ରହଣ କରିବେ । ନିଲାମ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
8. ଲୀଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି Natural Disaster ପାଇଁ ଦାୟୀ ରହିବେ ନାହିଁ ।
9. ଲୀଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ଚିହ୍ନଟ କରିବେ ସମ୍ମୁଖ ଭାଗରେ ଏକ display board ତିଆରିକରି ସେଥିରେ ସଇରାତ ଉତ୍ସ ର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ପାଇଁ ଲୀଜ ଧାରୀ ନିଜ ଖର୍ଚ୍ଚ ରେ କରିବେ ।
10. କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ , ଯାଜପୁର ଙ୍କର ରହିଛି ।
11. ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କର ରହିଅଛି ।
12. ନିଲାମ ପ୍ରକ୍ରିୟା ସମୟରେ ସମସ୍ତେ COVID-19 ନିୟମ ପାଳନ କରିବାକୁ ବାଧ୍ୟ ହେବେ ।

ତହସିଲଦାର ଧର୍ମଶାଳା
Tahasildar
Dharmasala

ପରିପତ୍ର ସଂଖ୍ୟା- 4284 ତା 22.07.2022

ଏହାର ଏକକିତା ନକଲ ଜିଲ୍ଲାପାଳ ,ଯାଜପୁର /ଅତିରିକ୍ତ ଜିଲ୍ଲାପାଳ (ରାଜସ୍ଵ) ,ଯାଜପୁର/ ଉପ ଜିଲ୍ଲାପାଳ , ଯାଜପୁର ଙ୍କ ଅବଗତି ଓ ବିହିତ ପଦକ୍ଷପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ଧର୍ମଶାଳା
Tahasildar
Dharmasala

ପରିପତ୍ର ସଂଖ୍ୟା- 4285 ତା 22.07.2022

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ , ଧର୍ମଶାଳା/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ /ସମସ୍ତ ରାଜସ୍ଵ ନିରିକ୍ଷକ , ଧର୍ମଶାଳା ତହସିଲ /ସମ୍ପୃକ୍ତ ଥାନା ଅଧିକାରୀ ,/ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ ନିମନ୍ତେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ଧର୍ମଶାଳା
Tahasildar
Dharmasala

# ତହସିଲ କାର୍ଯ୍ୟାଳୟ,ଧର୍ମଶାଳା

Memo No. 4286 Date 22.09.2022

Copy submitted to the Director, Information and Public Relations Department, Government of Odisha, Bhubaneswar for its wide publication in two largest circulated Odia Daily Newspaper (One of which shall be state level and other having wide publicity in Jajpur district) on or before 26.09.2022. The copy of the advertisement published in the newspaper may please be sent to this office to keep in the record.

Tahasildar, Dharmasala

Tahasildar
Dharmasala

Memo No. 4287 Date 22.09.2022

Copy to DIO, NIC Collectorate Jajpur to upload in the District website for its wide publication.

Tahasildar, Dharmasala

Tahasildar
Dharmasala

Memo No. 4288 Date 22.09.2022

Copy to all the Tahsildars and BDOs of the Jajpur district for information and wide circulation.

Tahasildar, Dharmasala

Tahasildar
Dharmasala